# CBSE
# Marking Scheme - 2024-25
## CLASS - XII
## ODIA (113)

1. 5 x 2=10

(i) ଯୁଦ୍ଧ କଦାପି ମଣିଷକୁ ଶାନ୍ତି ଦେଇ ପାରିବନାହିଁ କିମ୍ବା ଦେଶଦେଶ ମଧ୍ୟରେ ସୁସଂହତି ସ୍ଥାପନ କରି ପାରିବନାହିଁ ଏହିକଥା ମଣିଷ ମହାଭାରତ ଯୁଦ୍ଧରୁ ପ୍ରାଞ୍ଜଳ ଭାବେ ବୁଝିପାରିଛି ।

(ii) ସମଗ୍ର ବିଶ୍ୱ ଆଜି ଯେପରି ଯୁଦ୍ଧର ବିଭୀଷିକା ମଧ୍ୟରେ ଗତିକରି ଚାଲିଛି, କେଉଁ ମୁହୂର୍ତ୍ତରେ ପୃଥିବୀପୃଷ୍ଠରେ କ'ଣ ଘଟିବ ତାହା କେହି କହି ପାରିବେନାହିଁ । ତେଣୁ ମଙ୍ଗଳଗ୍ରହ ପରି ପୃଥିବୀ ପୃଷ୍ଠରୁ ଦିନେ ମାନବଜାତି ଲୋପ ପାଇଯିବାର ଆଶଙ୍କା ଏବେ ପ୍ରକାଶ ପାଇଛି ।

(iii) ଶକ୍ତିଶାଳୀ ରାଷ୍ଟ୍ରମାନେ ଯୁଦ୍ଧପାଇଁ ବିପୁଳ ଅର୍ଥ ବ୍ୟୟ କରିବାକୁ ତିଳେମାତ୍ର କୁଣ୍ଠାବୋଧ କରୁନାହାନ୍ତି । କାରଣ ସେମାନେ କ୍ଷମତା ଓ ପ୍ରଭୁତ୍ୱର ବଶବର୍ତ୍ତୀହୋଇ ଅନ୍ୟାନ୍ୟ ଦୁର୍ବଳ ଦେଶକୁ ନିଜନିଜର ସଖୀକଣ୍ଢେଇ କରି ନଚାଇବାକୁ ଚାହୁଁଛନ୍ତି ।

(iv) ଅନ୍ୟାୟ, ଅନୀତି ତଥା ଅଧର୍ମର ବିନାଶ କରି ଶାନ୍ତି ଓ ଧର୍ମର ସଂସ୍ଥାପନା କରିବା ଥିଲା ମହାଭାରତ ଯୁଦ୍ଧର ମହାନାୟକ ଶ୍ରୀକୃଷ୍ଣଙ୍କ ଯୁଦ୍ଧ ଆୟୋଜନ କରିବାର କାରଣ ।

(v) ବିଶ୍ୱ ଆଜି ଶାନ୍ତି ଚାହେଁ କି ଧ୍ୱଂସ ଚାହେଁ, ଏ ବିଷୟରେ ସେ ସ୍ଥିର ନିଶ୍ଚିତ ନୁହେଁ । ତେଣୁ, ଯେଉଁ ସୃଷ୍ଟି ମଧୁମୟ-ତାହାକୁ ଗୋଟାଏ ଖିଆଲରେ ଧ୍ୱଂସ କରିଦେବା କଥାଟି ସମୀଚୀନ କି ନୁହେଁ ବୋଲି ପ୍ରଶ୍ନ ଉଠିଛି ।

2. ଉପକ୍ରମ-1 1 x 6=6

ବିଷୟବସ୍ତୁ, ଶୃଙ୍ଖଳିତ ଉପସ୍ଥାପନା-3

ସୂକ୍ତି ଉଦ୍ଧାର, ନିଜସ୍ୱ ବିଚାର-1

ଉପସଂହାର-1

3. ସମ୍ବୋଧନ-1 1 x 6=6

ପତ୍ରଲିଖନର ଆନୁଷଙ୍ଗିକତା, ଶୈଳୀ-2

ବିଷୟବସ୍ତୁ-2

ପ୍ରତ୍ୟାଶା, ଉପସଂହାର-1

4. (i) ଉପେକ୍ଷା 3 x 1=3

(ii) ଅଚେତନ

(iii) ସ୍ୱାଧୀନ

(iv) ସାମରିକ

5. 3 x 1=3

(i) ଧ୍ରୁବ

(ii) ଅନ୍ନ

(iii) ଈଶ୍ୱର

(iv) ଦମ୍ପତି

6. 2 x 1=2

(i) ଚ୍ୟୁତ-ସ୍ଖଳିତ
 ଚୂତ-ଆମ୍ର

(ii) ପ୍ରସ୍ତ-ସ୍ତର
 ପ୍ରସ୍ଥ-ଓସାର

(iii) ନିଧନ-ବିନାଶ
 ନିର୍ଦ୍ଧନ-ଧନହୀନ

7. 2 x 1=2

(i) ସ୍ମରଣୀୟ

(ii) ସାର୍ଥକ

(iii) ରାଜଭାଷା

8. (i) ତିନି ତୁଣ୍ଡରେ-ଭୁବନେଶ୍ୱର ବେହେରା

(ii) ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା-ଗୋଲୋକବିହାରୀ ଧଳ

ବିଷୟ ଓ ପ୍ରାବନ୍ଧିକଙ୍କ ନାମ-1 1 x 5=5

ବିଷୟବସ୍ତୁ-3

ଉପସଂହାର-1

9. 3 x 2=6

(i) ପ୍ରକୃତିସ୍ଥ ମନୁଷ୍ୟ ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସହ ଘନିଷ୍ଠଭାବେ ସମ୍ବନ୍ଧ ରଖିଥାଏ । ଏହି ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ତା'ର ଜୀବନର ମୂଲ୍ୟ କିଛି ରହେ ନାହିଁ ।

(ii) ପ୍ରାବନ୍ଧିକ ନୀଳାଚଳକୁ 'ଉତ୍କଳ କମଳର କେଶର' ବୋଲି କହିଛନ୍ତି । କାରଣ, ସମଗ୍ର ଉତ୍କଳକୁ ଯଦି ଏକ କମଳ ସହିତ ତୁଳନା କରାଯାଏ, ତା'ହେଲେ ତା'ର କେଶର ହେଉଛି ନୀଳାଚଳ ଧାମ । ନିଜେ ଜଗତର ନାଥ ଜଗନ୍ନାଥ ନୀଳାଚଳକୁ ନିଜର ବାସସ୍ଥଳୀଭାବେ ଚୟନ କରିଛନ୍ତି ।

(iii) ସାଧାରଣ ଜନତା ଗଣତନ୍ତ୍ର ଶାସନପାଇଁ ଉପଯୁକ୍ତ ହୋଇନାହାନ୍ତି । ଗଣଶିକ୍ଷା ଓ ଗଣଚେତନା ନଥିବାଯାଏଁ ଗଣତନ୍ତ୍ର ଶାସନର ସଫଳତା ଆଶାକରିବା ବିଡ଼ମ୍ବନା ମାତ୍ର । ଏଥିପାଇଁ ପ୍ରାବନ୍ଧିକ ଗଣତନ୍ତ୍ରକୁ ଦୋଷୀ କରିନାହାନ୍ତି ।

(iv) ପିଲାଟିଏ ପ୍ରାଥମିକ ସ୍କୁଲ୍‌ରୁ ନୋଟ୍ ବହି ପଢ଼ିଲେ ସେ କେବଳ ପରୀକ୍ଷାରେ ପାସ୍ କରିବାର ଆଧୁନିକ କୌଶଳମାନ ଶିଖିବ । ବହିରେ ଥିବା ଜ୍ଞାନର ଅନୁସନ୍ଧାନ ନକରି କେବଳ ପ୍ରଶ୍ନପତ୍ର କେଉଁଠି ରହିଛି ତା'ର ଅନୁସନ୍ଧାନରେ ହିଁ ଅନେକ ସମୟ ଅତିବାହିତ କରିବ । ଫଳସ୍ୱରୂପ, ପିଲାଟି ପ୍ରକୃତ ଜ୍ଞାନ ଅର୍ଜନ କରିବାରେ ଅସମର୍ଥ ହେବ ।

(v) ପ୍ରାଥମିକ ମନୁଷ୍ୟ ଅରଣ୍ୟରେ ଶୀତ, ଗ୍ରୀଷ୍ମ, ବର୍ଷାରେ ଅସହ୍ୟ କ୍ଳେଶ ସହ୍ୟକରି ଅପକ୍ୱମାଂସ, ଫଳମୂଳ ଆହାର କରି ଜୀବନ କାଳାତିପାତ କରୁଥିଲା ।

10. 10 x 1=10

(i) (C) ମହାପୁରୁଷ

(ii) (A) ଅହଂକାରୀ

(iii) (B) ପୁଷ୍ପପୁରରେ

(iv) (D) ସମ୍ବଲପୁର

(v) (A) ଲଙ୍କାରେ ହରିଶ୍ଚନ୍ଦ୍ର ପରି

(vi) (C) ଯୋଜନାଯୁଗ

(vii) (D) ବ୍ୟକ୍ତିଗତ ଅଧିକାର

(viii) (B) କଳିଙ୍ଗ

(ix) (A) ମାଜିଷ୍ଟ୍ରେଟ୍

(x) (D) କୋଣାର୍କ ମନ୍ଦିର

11. (i) ବନ୍ଦୀର ବିରହ ବ୍ୟଥା-ଗୋପବନ୍ଧୁ ଦାସ 1 x 5=5

(ii) ପିଙ୍ଗଳାର ଅଭିସାର-ରାଧାମୋହନ ଗଡ଼ନାୟକ

ବିଷୟ ଓ କବିଙ୍କ ନାମ-1

ବିଷୟବସ୍ତୁ-3

ଉପସଂହାର-1

12. 3 x 2=6

(i) "ମୋର ପିଣ୍ଡରୁ ପ୍ରାଣପକ୍ଷୀ ଉଡ଼ିଗଲାପରେ, ମୋର ଶବକୁ କୋକେଇରେ ନେଲାବେଳେ ଦୁଇପାଖକୁ ମୋର ଦୁଇ ଶୂନ୍ୟହାତ ଝୁଲାଇ ଦେବ"- ଆଲେକ୍‌ଜାଣ୍ଡାର ମୃତ୍ୟୁ ସମୟରେ ନିଜର ଶେଷ ଇଚ୍ଛାରେ ଏହା ବ୍ୟକ୍ତ କରିଥିଲେ ।

(ii) ରାମଚନ୍ଦ୍ରଙ୍କଦ୍ୱାରା ନିର୍ବାସିତା ହୋଇ ଦେବୀସୀତା ବାଲ୍ମିକୀ ଆଶ୍ରମରେ ତପସ୍ୱିନୀଭାବେ ଜୀବନ ନିର୍ବାହ କରୁଥିବା ସମୟରେ ଅଯୋଧ୍ୟାରେ ରାମଚନ୍ଦ୍ରଙ୍କ ଯଜ୍ଞ କରୁଥିବା କଥା ଶୁଣିଥିଲେ । ଯେହେତୁ ରାମଚନ୍ଦ୍ର ଯଜ୍ଞକାର୍ଯ୍ୟ କରୁଛନ୍ତି ସେଥିପାଇଁ ସୀତାଦେବୀ ତାଙ୍କର ଦ୍ୱିତୀୟପତ୍ନୀ ଗ୍ରହଣ ପ୍ରସଙ୍ଗରେ ନିଶ୍ଚିତ ହୋଇଥିଲେ ।

(iii) ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଇଂରେଜ ସରକାରଙ୍କଦ୍ୱାରା ଗିରଫ ହୋଇ କାରାବରଣ କରିଥିଲେ । ତାଙ୍କୁ ତାଙ୍କର ପ୍ରିୟଜନ ଓ ପ୍ରିୟସ୍ଥାନକୁ ଛାଡ଼ି ସୁଦୂର ହଜାରିବାଗ ଜେଲ୍‌ରେ ବନ୍ଦୀଭାବରେ ରହିବାକୁ ପଡ଼ିଥିଲା । ସେଥିପାଇଁ ଗୋପବନ୍ଧୁଙ୍କର ମନପ୍ରାଣ ବିରହବିଷାଦରେ ଘାରି ହେଉଥିଲା ।

(iv) ପିଙ୍ଗଳା ପଥଚ୍ୟୁତ ହୋଇ ନିଜର ଅବର୍ଣ୍ଣନୀୟ ରୂପର ହଳାହଳ ବିଷରେ ମଧୁମୟ ସୃଷ୍ଟିକୁ ଜାଳି ଦେଇ ନିଜେ ମଧ ଜଳିଛି । ତେଣୁ ପିଙ୍ଗଳା ନିଜକୁ ସର୍ପିଣୀ ବୋଲି ଅଭିହିତ କରିଛି ।

(v) ଶୋଷକ ଓ ଧନୀକ ଗୋଷ୍ଠୀ ଶୋଷିତ ମଣିଷକୁ ଯେଉଁ ଭୀଷଣ ତଥା କ୍ରୁର ଅତ୍ୟାଚାର, ନିର୍ଯାତନା ଓ ପୀଡ଼ା ଦେଇଛନ୍ତି, କବି ତାହାର କୈଫିୟତ ମାଗିବାକୁ କହିଛନ୍ତି ।

13. 10 x 1=10

(i) (B) ଜରିମାନା କରି

(ii) (A) ତପସ୍ୱିନୀ

(iii) (C) ଆକାଶ

(iv) (A) ସଂସାର ବାରିଧି ଅତିକ୍ରମ କରିବାପାଇଁ

(v) (D) ଲବକୁଶଙ୍କ ରାମାୟଣ ଗାନ

(vi) (A) ପ୍ରକୃତି ମଧ୍ୟରେ ସମ ହୃଦବେଦନା ଦେଖିଲେ

(vii) (C) ଶୁକ୍ତି ଗର୍ଭରେ

(viii) (B) ଦୂତ

(ix) (D) ଧରଣୀର ତୃଣ ତଳରେ

(x) (A) କୃଷକର ସାଧନା

14. 3 x 2=6

(i) ବଳରାମବାବୁଙ୍କର ବ୍ରାହ୍ମଣ ରୋଷେଇଆ ଚାଲିଗଲାପରେ ଗୋପାଳ ବଳରାମବାବୁଙ୍କର ରୋଷେଇ କାର୍ଯ୍ୟ କରିବା ସହିତ ମାଲ୍ କିଣାବିକାରେ ମଧ୍ୟ ସାହାଯ୍ୟ କରୁଥିଲା । ଗୋପାଳ କଥାରେ ତାଙ୍କୁ ଠକିବାକୁ ହୁଏନାହିଁ ବରଂ ଦି'ପଇସା ଲାଭ ହୁଏ । ତେଣୁ ଗୋପାଳ ଆଉ ରୋଷେଇଆ ନହୋଇ ବେପାରରେ ବଳବାବୁଙ୍କର ଡାହାଣ ହାତ ହୋଇଥିଲା ।

(ii) ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ରରେ ସମସ୍ତ ଭାରତୀୟ ସ୍ୱାଧୀନତାର ଉତ୍ସବକୁ ଅତ୍ୟନ୍ତ ହର୍ଷଉଲ୍ଲାସରେ ପାଳନ କରୁଥିବା ଅବସରରେ ରାୟବାହାଦୁରଙ୍କ ପତ୍ନୀ ହେମମାଳାଦେବୀ ମଧ୍ୟ ଦୋତାଲା ବାରଣ୍ଡାରେ ଗୋଟିଏ ତ୍ରିରଙ୍ଗା ପତାକା ଉଡ଼ାଇ ତାହାର ପାଦତଳେ ଦୀପଟିଏ ଜାଳି ଶଙ୍ଖଧ୍ୱନି କରିଥିଲେ । ଏହାଶୁଣି ରାୟବାହାଦୁର ଚମକି ଉଠିଥିଲେ ।

(iii) ଜୀବନରେ ଉଚ୍ଚ ପଦବୀରେ ପ୍ରତିଷ୍ଠିତ ହେଲାପରେ, ଶିକ୍ଷାର ମୂଳଦୁଆ ପକାଇଥିବା ମାଷ୍ଟରଜୀଙ୍କ କଥା ମନେପକାଇ ଥରେ ଯାଇ ତାଙ୍କୁ ଦେଖିଆସିବାକୁ ଅଶୋକ ମନ ବଳାଇଥିଲେ ।

(iv) ପିତାଙ୍କ ମୃତ୍ୟୁ ପରେ ଡକା ପକାଇ କାନ୍ଦିବା କିମ୍ବା ବ୍ରାହ୍ମଣ ଡାକି ଶ୍ରାଦ୍ଧ କରିବା କୁସଂସ୍କାର ବୋଲି ରାଜୀବଲୋଚନ ମନେକରିଥିଲେ । ଏହା ବଦଳରେ ସଭାଗୃହରେ ଭୋଜି, ଦରିଦ୍ରମାନଙ୍କୁ ଅର୍ଥ ବିତରଣ, ଡାକ୍ତରଖାନାମାନଙ୍କୁ ଚାନ୍ଦା ଦିଆଯିବା କଥା ସେ କହିଥିଲେ ।

(v) ବର୍ଷାଋତୁ ହେଲେ କମ୍ବୁଗ୍ରୀବ, ବିକଟ ଓ ସଙ୍କଟ ନାମକ ଦୁଇଗୋଟି ହଂସଙ୍କ ଆଗମନକୁ ଅପେକ୍ଷା କରି ରହିଥାଏ । କାରଣ, ସେମାନେ ଦୈନିକ ଘଣ୍ଟାଏ ଦୁଇ ଘଣ୍ଟା ଦୂରଦୂରାନ୍ତରର କାହାଣୀ ଶୁଣାଇ ସରୋବର ମଧ୍ୟରୁ ବାହାରକୁ ଆସି ପାରୁନଥିବା କମ୍ବୁଗ୍ରୀବର ମନୋରଞ୍ଜନ କରୁଥିଲେ ।

◈◈◈